# ପିଲାମାନଙ୍କ ପାଇଁ ବାଇବଲ

## ଉପହାର

# ଯିରିମୟ, ବିଷାଦ ମନୁଷ୍ୟ



ଲେଖକ: Edward Hughes
ଦୃଷ୍ଟାନ୍ତ: Jonathan Hay
ଅନୁବାଦକ: Prasanta Bhuyan
ଉପଯୋଜକ: Mary-Anne S.

କାହାଣୀ ୬୦ ରୁ ୨୮

**www.M1914.org**

***Bible for Children,*** *PO Box 3, Winnipeg, MB R3C 2G1 Canada*

ଅନୁମତି ସୂତ୍ର: ଏଠାରେ ଥିବା ସବୁ କାହାଣୀର ଅବିକଳ ନକଲ ଅବା ପ୍ରିଣ୍ଟ କରିବାକୁ ଆପଣଙ୍କର ଅଧୀକାର ଅଛି,
ଯେଉଁ ପର୍ଯ୍ୟନ୍ତ ଆପଣ ଏହାକୁ ବିକ୍ରୀ କରନ୍ତି ନାହିଁ ।

ଓଡ଼ିଆ Oriya

ଯିରିମୟ ଯିହୁଦା ପ୍ରଦେଶରେ ଏକ ଧର୍ମୀୟ ପରିବାରରେ ଜନ୍ମ ଗ୍ରହଣ କରିଥିଲେ । ତାଙ୍କର ପିତା ହିଲକିଅ ଯାଜକ  ଥାଲେ । ତାଙ୍କ ପରିବାର ଅନାଥୋତ୍ ନମକ ନଗରରେ ବାସ କଲା । ତାହା ଯିରୁଶାଲମର ନିକଟତର ଥିଲା । ହୋଇପାରେ ଯିରିମୟଙ୍କ ପିତାମାତା ମନେକଲେ ଯେ ଯିରିମୟ ମଧ୍ୟ ଯାଜକ ହେବେ । ମାତ୍ର ପରମେଶ୍ୱରଙ୍କ ଇଚ୍ଛା କିଛି ଅନ୍ୟପ୍ରକାରର ଥିଲା ।



1

ଯିରିମୟଙ୍କ ଜନ୍ମ ସମୟରେ, ପରମ୍‌ଶ୍ୱରଙ୍କ ଲୋକମାନେ ସଦାପ୍ରଭୁଙ୍କ ବାକ୍ୟାନୁସାରେ ଜୀବନ ଯାପନ କରୁ ନଥିଲେ । ରାଜାଠାରୁ ପ୍ରଜା ପର୍ଯ୍ୟନ୍ତ ପ୍ରାୟ ସମସ୍ତେ, ସଦାପ୍ରଭୁଙ୍କ ପବିତ୍ର ମନ୍ଦିରରେ ଶୁଷ୍କା ବାଲ୍ ଦେବଗଣର ଉପାସନା କଲେ ।



2



ଯେତେବେଳେ ଯିରିମିୟ
ଯୁବକ ଥିଲେ, ସଦାପ୍ରଭୁ
ତାହାଙ୍କୁ କଥା କହିଲେ,
ତୁମ୍ଭ ଭୂମିଷ୍ଠ ହେବା ଆଗରୁ
ଆମ୍ଭେ ତୁମ୍ଭକୁ ଜାଣୁ, ପୁଣି ତୁମ୍ଭକୁ ନାନା ଦେଶିୟମାନଙ୍କ ନିକଟରେ
ଭବିଷ୍ୟଦବକ୍ତାକରି ନିଯୁକ୍ତ କରିଅଛୁ, ଯେପରି ତୁମ୍ଭେ ମୋ ଶକାସେ କଥା କହିବ ।

3

ସଦାପ୍ରଭୁଙ୍କ ଆହ୍ୱାନ ଯିରିମିୟଙ୍କୁ ଭୟଭିତ କଲା । ହାୟ ହାୟ ସଦାପ୍ରଭୁ, ଦେଖ ମୁଁ କଥା କହି ଜାଣେ ନାହିଁ, କାରଣ ମୁଁ ତ ବାଳକ । ସେ ବାଳକଠାରୁ ବଡ଼ ଥିଲେ, ତାଙ୍କର ବୟସ କୋଡ଼ିଏ ବର୍ଷ ଥିଲା । କିନ୍ତୁ ଯିରିମିୟ ତାଙ୍କ ଚାରିପଟେ ଯେଉଁ ଦୁଷ୍ଟତାରେ ଭରା ସମାଜ ଥିଲା ତାହା ବିରୁଦ୍ଧରେ
ସେ କହିପାରିବେ ନାହିଁ
ବୋଲି ଭାବିଲେ ।



4



ଭୟ କରନାହିଁ, ସଦାପ୍ରଭୁ ଯିରିମିୟଙ୍କୁ ଆଶ୍ୱାସନା ଦେଲେ ।
ଆମ୍ଭେ ତୁମ୍ଭକୁ ଯାହା ନିକଟକୁ
ପଠାଇବା ତୁମ୍ଭେ ତାହା
ନିକଟକୁ ଯିବ,

ପୁଣି ଆମ୍ଭେ
ତୁମ୍ଭକୁ ଯାହା ଆଜ୍ଞା କରିବା
ତୁମ୍ଭେ ତାହ କହିବ ।

5



ଆମ୍ଭେ ତୁମ୍ଭ ସଂଙ୍ଗରେ ଅଛୁ ଏବଂ ତୁମ୍ଭକୁ ଉଦ୍ଧାର କରିବା ।
ତାହାପରେ ସଦାପ୍ରଭୁ ବିଶେଷ କିଛି କଲେ । ସଦାପ୍ରଭୁ
ତାହର ମୁଖ ସ୍ପର୍ଶ
କଲେ ।

6

ସଦାପ୍ରଭୁ ଯିରିମିୟଙ୍କୁ ସବଳ ଏବଂ ସାହାସ ଏବଂ ଜ୍ଞାନ ଦେଲେ । ପୁଣି ସେ ନିରଭୟରେ, ସଦାପ୍ରଭୁ ଯେ ସେମାନଙ୍କୁ ପ୍ରେମ କରନ୍ତି ଓ ସେମାନଙ୍କୁ ସାହାଯ୍ୟ କରିବାକୁ ଇଛା କରନ୍ତି ତାହା ଜଣାଇଲେ । ମାତ୍ର କେହି ତାଙ୍କ କଥାରେ କର୍ଣ୍ଣପାତ କଲେନାହିଁ । ଏପରିକି ରାଜାମଧ୍ୟ ଶୁଣିଲେ ନାହିଁ ।



7

ଏପରିକି ଯାଜକମାନେ ତାଙ୍କ ଉପରେ ବିରକ୍ତ ହୋଇ କ୍ରୋଧ କଲେ ଓ ସଦାପ୍ରଭୁଙ୍କ ବିଷୟରେ ସେମାନଙ୍କୁ ନ କହି ଚୁପ୍ ରହିବାକୁ କହିଲେ । ସେଠାରେ କେତକ ମିଥ୍ୟା ଭାବବାଦୀମାନେ ଥିଲେ
ଯେଉଁମାନେ ଯିରିମିୟ ସତ୍ୟ କହୁ ନାହାନ୍ତି
ବୋଲି ଅଭିଯୁକ୍ତ କଲେ ।



8


ଯିରିମିୟ ଲୋକମାନଙ୍କୁ ପ୍ରାୟ ଏକଶତ ବର୍ଷ ପୂର୍ବରୁ ମନେ ପକାଇଦେଲେ ଓ କହିଲେ, ଉତ୍ତରରେ ଥିବା ଇସ୍ରାଏଲ୍ ପ୍ରଦେଶ ସଦାପ୍ରଭୁଙ୍କୁ ପରିତ୍ୟାଗ କରିଅଛନ୍ତି । ତେଣୁ ସେମାନଙ୍କର ଶତ୍ରୁ ଅଶୂରର ରାଜା ଦେଶର ପ୍ରତିକୂଳରେ ଆସି ପରାସ୍ତ କଲେ ଓ ସମସ୍ତ ଇସ୍ରାଏଲ ବାସିଙ୍କୁ ସୁଦୂର ଦେଶକୁ ଦାସତ୍ୱରେ ଘେନିଗଲେ ।
9


ବର୍ତ୍ତମାନ, ଯିହୁଦା ପ୍ରଦେଶର ଲୋକ, ଯାହା ଦକ୍ଷିଣରେ ଅବସ୍ଥିତ ଥିଲା, ସେମାନେ ମଧ୍ୟ ସଦାପ୍ରଭୁଙ୍କୁ ପରିତ୍ୟାଗ କଲେ ।
10


ନିର୍ଦ୍ଧାରିତ ସମୟ ପୂର୍ବରୁ ସୌନ୍ୟମାନେ ସେମାନଙ୍କ ବିରୁଦ୍ଧରେ ଆସିଥିଲେ, ସଦାପ୍ରଭୁ କି ସେମାନଙ୍କୁ ମଧ୍ୟ ପରାସ୍ତ କରି ନିର୍ବାସିତ କରିବେ ।
11


ଲୋକମାନେ ସେମାନଙ୍କ ପ୍ରତିମାଗଣ ଉପରେ ନିର୍ଭର କଲେ । ସେହି ପ୍ରତିମାଗଣ କି ସେମାନଙ୍କୁ ତାଙ୍କ ଶତ୍ରୁ ହସ୍ତରୁ ରକ୍ଷା କରି ପାରିବେ, କାଦାପି ନୁହେଁ, କେବଳ ସଦାପ୍ରଭୁ ସେମାନଙ୍କୁ ରକ୍ଷା କରି ପାରନ୍ତି ।
12


ଲୋକମାନେ ଯିରମିୟଙ୍କ ଉପରେ ଅତି କ୍ରୋଧ କଲେ, ସେମାନେ ଯିରମିୟଙ୍କୁ ହତ୍ୟା କରିବାକୁ ସୁଧା ଯୋଜନା କଲେ, ମାତ୍ର ସଦାପ୍ରଭୁ ତାଙ୍କ ଦାସକୁ ରକ୍ଷା କଲେ ।
13


ପରିଶେଷରେ, ସଦାପ୍ରଭୁ କିଛି ଏପରି କହିଲେ ଯାହା ଯିରିମିୟଙ୍କୁ ବ୍ୟତିବ୍ୟସ୍ତ କଲା । ସଦାପ୍ରଭୁ କହିଲେ, ଏହି ଲୋକମାନଙ୍କ ନିମନ୍ତେ ପୁନର୍ବାର ପ୍ରାର୍ଥନା କରନାହିଁ । ଯେତେବେଳେ ସେମାନେ ସହାଯ୍ୟ ନିମନ୍ତେ କ୍ରନ୍ଦନ କରିବେ ଆମ୍ଭେ ସେମାନଙ୍କର ଶୁଣିବା ନାହିଁ ।
14

ଯିରିମିୟ ରାଜାଙ୍କୁ ସାବଧାନ କରି କହିଲେ
ସେ ବାବିଲର ସୈନ୍ୟଦଳ ସହିତ ଯୁଦ୍ଧରେ
ପରାଜିତ ହେବେ । ରାଜା ଯିରିମିୟଙ୍କ
ଉପରେ କ୍ରୋଧ କଲେ, ଓ ଯିରିମିୟଙ୍କୁ
କାରାଗାରରେ ନିକ୍ଷେପ କଲେ, କାରାଗାରରେ
ମଧ୍ୟ ଯିରିମିୟ ପ୍ରଚାର ଓ ସଦାପ୍ରଭୁଙ୍କୁ
ଭରଷା କଲେ ।



15



ଯିରିମିୟ କାରାଗାରରୁ ମୁକ୍ତ
ହେଲା ପରେ ପୁନର୍ବାର ରାଜାଙ୍କୁ
ପ୍ରଚାର କରି କହିଲେ ତୁମ୍ଭେମାନେ
ନିଶ୍ଚିତଭାବରେ ପରମେଶ୍ୱରଙ୍କ
ନିକଟକୁ ଫେରି ସଦାପ୍ରଭୁଙ୍କ
ଉପରେ ଭରଷା କର । ଏହିଥର,
ରାଜା ଯିରିମିୟଙ୍କୁ ଏକ
ଆନ୍ଧକାର ଗର୍ତ୍ତରେ
ନିକ୍ଷେପ କଲେ ।

16

ମାତ୍ର ସଦାପ୍ରଭୁ ରାଜାଙ୍କ ହୃଦୟରେ କାର୍ଯ୍ୟ ଆରମ୍ଭ କରିଥିଲେ । ପୁଣି ସେ ଗୁପ୍ତଭାବରେ
ଯିରିମିୟଙ୍କୁ ସେହି ଗର୍ତ୍ତରୁ ଉଦ୍ଧାର କଲେ ଓ ପଚାରିଲେ, ତାହାକୁ କଅଣ କରିବାକୁ ହେବ?
ସଦାପ୍ରଭୁ କଅଣ ଇଛା କରିନ୍ତି । ଯିରିମିୟ ଉତ୍ତର ଦେଲେ, ସଦାପ୍ରଭୁ କହନ୍ତି ବନ୍ଦୀହୋଇ ଯାଅ
ସେଥିରେ ତୁମ୍ଭେ
ବଞ୍ଚିବ ।



17

ବାବିଲର ସୈନ୍ୟମାନେ ଯିରୁଶାଲମ ଏବଂ ସମସ୍ତ
ଯିହୁଦା ଅବରୋଧ କଲେ । ସେମାନେ ନଗରର ପ୍ରାଚିର
ଓ ଅଟାଳିକାମାନ ସବୁ ଭାଙ୍ଗି ପକାଇ ସମସ୍ତ ଅଗ୍ନିରେ
ଦଗ୍ଧ କଲେ । ସଦାପ୍ରଭୁ କହିଲେ ତାଙ୍କ
ଲୋକମାନେ ପ୍ରାୟ ସତୁରି
ବର୍ଷ ପର୍ଯ୍ୟନ୍ତ ନିର୍ବାସନ
ଦଣ୍ଡ ଭୋଗିବେ,



ମାତ୍ର ପରେ ସେ ପୁନର୍ବାର
ସେମାନଙ୍କୁ ଫେରାଇ ପ୍ରତିଜ୍ଞାତ
ଦେଶକୁ ଆଣିବେ ।

18

ଯିରିମିୟ, ବିଷାଦ ମନୁଷ୍ୟ

**ବାଇବଲ, ପରମେଶ୍ୱରଙ୍କ ବାକ୍ୟରୁ ଏକ କହାଣୀ**

**ରୁ ଅନୁସନ୍ଧାନ କରାଯାଇଅଛି**

ଯିରିମିୟ

**"ତୁମ୍ଭ ପ୍ରଦେଶର ଶବ୍ଦ ଆଲୋକ ପ୍ରଦାନ କରିବ ।"**
**ଗୀତସଂହିତା ୧୧୯ : ୧୩୦**

ଆମ୍ଭେମାନେ ମନ୍ଦକାର୍ଯ କରିଅଛୁ ତାହା ଇଶ୍ୱର ଜାଣନ୍ତି, ଆଉ ତାହାକୁ ଇଶ୍ୱର
କହନ୍ତି ପାପ । ଆଉ ପାପର ବେତନ ହେଉଛି ମୃତ୍ୟୁ ।

ଇଶ୍ୱର ଆମ୍ଭମାନଙ୍କୁ ଏଡ଼େ ପ୍ରେମକଲେ ଯେ, ଆପଣା ଅଦ୍ୱିତୀୟ ପୁତ୍ର ଯୀଶୁଙ୍କୁ
ଆମ୍ଭମାନଙ୍କର ପାପ ସକାଶୁ କ୍ରୁଶ ଉପରେ ମୃତ୍ୟୁବରଣ କରିବାକୁ ପଠାଇଲେ ।
ଯୀଶୁ ପୁନର୍ବାର ଜୀବନ କୁ ଫେରିଲେ, ଆଉ ସେ ସ୍ୱର୍ଗ ଆରୋହନ କଲେ ବର୍ତ୍ତମାନ୍
ଅନନ୍ତର ପରମେଶ୍ୱର ଆମ୍ଭମାନଙ୍କର ପାପକ୍ଷମା କରି ପାରିବେ ।

ଯଦି ତୁମ୍ଭେ ତୁମ୍ଭ ପାପରୁ ଫେରିବାକୁ ଚାହଁ, ତେବେ ଏହା ଇଶ୍ୱରଙ୍କୁ କୁହନ୍ତୁ:
ପ୍ରିୟର ଇଶ୍ୱର ମୁ ବିଶ୍ୱାସ କରେ ଯୀଶୁଖ୍ରୀଷ୍ଟ ମୋ ନିମନ୍ତେ ମୃତ୍ୟୁଭୋଗ କଲେ,
ବର୍ତ୍ତମାନ ସେ ଜୀବିତ ଅଟନ୍ତି । ଦୟାକରି ମୋର ପାପସବୁ କ୍ଷମା କର ଏବଂ ମୋ
ଜୀବନକୁ ଆସ, ତଦ୍ୱାରା ବର୍ତ୍ତମାନ୍ ଠାରୁ ମୁଁ ଏକ ନୂତନ ଜୀବନ ପ୍ରାପ୍ତ ହୋଇ
ତୁମ୍ଭଠାରେ ଚିରକାଳ ସ୍ଥାୟୀ ହେବି । ତୁମ୍ଭର ସନ୍ତାନ ହୋଇ ତୁମ୍ଭଠାରେ ବାସକରିବା
ପାଇଁ ମୋତେ ସାହାଯ୍ୟ କରନ୍ତୁ । ଆମେନ୍ (ଯୋହନ ୩:୧୬)

ବାଇବଲ୍ ଅଧ୍ୟୟନ କରନ୍ତୁ ଆଉ ପ୍ରତ୍ୟେକ ଦିନ ଇଶ୍ୱରଙ୍କ
ସହିତ କଥୋପକଥନ ହୁଅନ୍ତୁ ।